# କଟକ ସିଟି



**ରେଭେନ୍ସା କଲିଜିଏଟ୍ ସ୍କୁଲରେ ନେତାଜୀଙ୍କ ଜୟନ୍ତୀ**

## ନେତାଜୀଙ୍କ ଦେଶ ଭକ୍ତି ଓ ସାହସ ଛାତ୍ର ସମାଜକୁ ଉଦ୍‌ବୁଦ୍ଧ କରୁ



**କଟକ, ୨୩।୧(ସମିସ):** କ୍ରାନ୍ତିଦର୍ଶୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶଭକ୍ତି, ସାହସ ଓ ତ୍ୟାଗ ଦ୍ୱାରା ଆଜିର ଛାତ୍ର ସମାଜ ଉଦବୁଦ୍ଧ ହେବାକୁ ଓଡ଼ିଶା ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଆହ୍ୱାନ ଜଣାଇଛନ୍ତି। ଆଜି ସନ୍ଧ୍ୟାରେ ରେଭେନ୍ସା କଲିଜିଏଟ ସ୍କୁଲରେ ଆୟୋଜିତ ମହାନ ଦେଶ ଭକ୍ତ ନେତାଜୀଙ୍କ ୧୨୯ ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଜଷ୍ଟିସ ମହାପାତ୍ର କହିଲେ ଯେ ଦେଶକୁ ସ୍ୱାଧୀନ କରିବାରେ ନେତାଜୀଙ୍କ ଅବଦାନ ଅବିସ୍ମରଣୀୟ। ପୁରାତନ ଛାତ୍ର ସଂସଦର ସଭାପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଧାୟିକା ସୋଫିଆ ଫିର୍ଦୋସ, ସିଏମସି ମେୟର ସୁଭାଷ ସିଂହ, ଉପସଭାପତି ଧର୍ମେଶ ନାୟକ, ସଞ୍ଜୟ ମହାପାତ୍ର, ସାଧାରଣ ସମ୍ପାଦକ ପରଂବ୍ରହ୍ମ ମହାପାତ୍ର, ଝିମିଲି ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ 'ଛାତ୍ର ଗୌରବ' ସମ୍ମାନ ଓ ଅବସରପ୍ରାପ୍ତ ଶିକ୍ଷକ ଏମ.ଡି. ମୋତିଉଲ୍ଲା ନାଜିସଙ୍କୁ 'କୃତୀ ଶିକ୍ଷକ' ସମ୍ମାନ ପ୍ରଦାନ କରାଯାଇଥିଲା। ସ୍କୁଲର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଦେବା ପାଇଁ ବିଧାୟିକା ସୋଫିଆ ଫିର୍ଦୋସ ଘୋଷଣା କରିଥିଲେ। ଏହି ଉପଲକ୍ଷେ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

### ବିଜୁ ଯୁବ ଓ ଛାତ୍ର ଜନତା ଦଳ



ବିଜୁ ଯୁବ ଓ ଛାତ୍ର ଜନତା ଦଳ, କଟକ ପକ୍ଷରୁ ନେତାଜୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ସକାଳ ୭ ଘଟିକା ସମୟରେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଚୌଧୁରୀବଜାର ସ୍ଥିତ ଗୌରୀଶଙ୍କର ପାର୍କ ଠାରୁ ଏକ ବିଶାଳ ଶାନ୍ତି ଶୋଭାଯାତ୍ରା ବାହାରି ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମ ସ୍ଥାନରେ ପହଞ୍ଚି ସେଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଶାନ୍ତି ଶୋଭାଯାତ୍ରାରେ ମେୟର ସୁବାସ ସିଂହ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ବିଶ୍ୱଜିତ ମହାନ୍ତି, ମହମ୍ମଦ ସକିଲ, ରମଜାନ ଖାନ, ପ୍ରକାଶ ସିଂହ, ଅନିତା ବେହେରା, ପ୍ରେମାଂଶୁ ଭୂଷଣ ବେହେରା, କର୍ପୋରେଟର ବସନ୍ତ ବେହେରା, ପ୍ରଦୀପ ସାହୁ, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି, ଏ ଶ୍ରୀଦେବୀ, ଆରତୀ ସାହୁ, କୁରେଷା ନୂର, ଦୀପାଞ୍ଜଳି ସିଂହ, ଅରୁନ୍ଧତୀ କରଙ୍କ ସମେତ ଶତାଧିକ ବିଜୁ ଯୁବ ଜନତା ଓ ଛାତ୍ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଜଗନ୍ନାଥ ସ୍ୱାଇଁ ସଭା ପରିଚାଳନା କରିଥିଲେ।

### କଟକ ଜିଲ୍ଲା ବିଜୁ ଜନତା ଦଳ



ମହାନ ସ୍ୱାଧୀନତା ସଂଗ୍ରାମୀ, ଆଜାଦ ହିନ୍ଦ ଫୌଜର ପ୍ରତିଷ୍ଠାତା ନେତାଜୀ ସୁବାଷ ବୋଷ ଏବଂ ଅନ୍ୟତମ ସ୍ୱାଧୀନତା ସଂଗ୍ରମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁଭାଷ ଚନ୍ଦ୍ର ସିଂହ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରଦୀପ୍ତ ଖୁଣ୍ଟିଆ, ମହମ୍ମଦ ସକିଲ, ଅନିତା ବେହେରା, ପ୍ରକାଶ ସିଂହ, ନନ୍ଦଲାଲ ସିଂହ, ପୂର୍ଣ୍ଣିମା ସିଂହ, ପ୍ରଫୁଲ୍ଲ ବେହେରା, କର୍ପୋରେଟର ସୁବ୍ରତ ଘଡେଇ, ତାପସ ମହାନ୍ତି, ଇତିଶ୍ରୀ ଦାସ, ଦିପ୍ତିମୟୀ ମୂଳିଆ, ନମିତା ବାରିକ, କେ.ଜେଡ. ଆଫ୍ରିନ, ଦୀପାଞ୍ଜଳି ସିଂହ, ମମତା ନାୟକ, ରିତାଞ୍ଜଳି ବେହେରା, ପୁଷ୍ପିତା ମହାନ୍ତି, ପ୍ରିୟମ୍ବଦା ମହାନ୍ତି, ଝିଲ୍ଲୀ ବିହାରୀ, ସୌଭାଗ୍ୟ ଜେନା, ବନଲତା ପ୍ରଧାନ, ଅରୁନ୍ଧତୀ କର, ଆରତୀ ସାହୁ, ପୂର୍ଣ୍ଣିମା ସ୍ୱାଇଁ, ଶର୍ମିଷ୍ଠା ନାଟିଆ, ରଞ୍ଜିତା କାହାଳୀ, ବିଜେଡି ନେତା ଦେବେନ୍ଦ୍ର କାହାଳୀ, ସୟଦ ଏକ୍ରାମ ହୁସେନ ପ୍ରମୁଖ ଯୋଗଦେଇ ଦୁଇ ମହାନ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା ମାଟି ପ୍ରତି ସମର୍ପଣ ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମେୟର, ବିଧାୟକ, ଡେପୁଟି ମେୟର, ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନସନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ଓଡ଼ିଆ ବଜାର ଠାରେ ଅବସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହାଡିବନ୍ଧୁ ବେହେରା, ଉମେଶ ସାହୁ ଓ ସନ୍ତୋଷ ମହାନ୍ତି ଉପସ୍ଥିତ ଥିଲେ।



# ନେତାଜୀଙ୍କ ଅନ୍ତୁଡ଼ିଶାଳ ଉତ୍ସବମୁଖର













**କଟକ, ୨୩।୧(ସମିସ)**

ନେତାଜୀଙ୍କ ୧୨୯ତମ ଜୟନ୍ତୀରେ ଓଡିଆ ବଜାର ସ୍ଥିତ ନେତାଜୀଙ୍କ ଅନ୍ତୁଡିଶାଳ ତଥା ଜନ୍ମସ୍ଥାନ ସଂଗ୍ରହାଳୟ ଉତ୍ସବମୁଖର ହୋଇପଡ଼ିଥିଲା। ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିଦୋଷ, ବିଧାୟକ ସୌଭିକ ବିଶ୍ୱାଳ ଓ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରିବା ପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସଂଗ୍ରହାଳୟ ପରିସରରେ ନୂତନ କରି ଖୋଲିଥିବା ଫିଲାଟେଲିକ ଗ୍ୟାଲେରୀ ବା ପୋଷ୍ଟାଲ ଗ୍ୟାଲେରୀ ଓ ନବନିର୍ମିତ ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ। ଉପରାଷ୍ଟ୍ରପତିଙ୍କ ଏହି ଗସ୍ତ ଯୋଗୁଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା କରାଯାଇଥିଲା। ଜେଡ୍ ପ୍ଲସ ସୁରକ୍ଷା ସମେତ ୩୫ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯାଇଥିଲା।





#### ଉଦ୍‌ଘାଟିତ ହେଲା ସଂସ୍କୃତି ଭବନ

ଓଡିଆ ବଜାର ସ୍ଥିତ ନେତାଜୀ ବ୍ୟାଖାନ କେନ୍ଦ୍ର ପାଶ୍ୱର୍ରେ ରହିଛି ସଂସ୍କୃତି ଭବନ। ନବନିର୍ମିତ ଏହି କୋଠାଟି ବହୁ ସମୟ ହେବ ଉଦଘାଟନ ଅପେକ୍ଷାରେ ରହିଥିବାବେଳେ ଏହାକୁ ଉପରାଷ୍ଟ୍ରପତି ନେତାଜୀ ଜୟନ୍ତୀ ଅବସରରେ ଉଦଘାଟନ କରିଛନ୍ତି। ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନକୁ ନେତାଜୀଙ୍କ ନାମରେ ନାମିତ କରାଯାଇଛି। ଏଥିରେ ୩୦୦ ଜଣ ବସିବାର କ୍ଷମତା ରହିଥିବାବେଳେ ଏହି ପରିସରରେ ପରାକ୍ରମ ଦିବସର ସଭା କାର୍ଯ୍ୟ କରାଯାଇଥିଲା।

#### ଫିଲାଟେଲିକ ଗ୍ୟାଲରୀରେ ଭିଡ ବେଶି

ଚଳିତବର୍ଷ ପ୍ରଥମକରି ନେତାଜୀ ଜୟନ୍ତୀରେ ଡାକବିଭାଗ ପକ୍ଷରୁ ଫିଲାଟେଲିକ ଗ୍ୟାଲେରୀ ବା ପୋଷ୍ଟାଲ ଗ୍ୟାଲେରୀକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ। ପୂର୍ବରୁ ସଂଗ୍ରହାଳୟରେ ୧୨ଟି ଗ୍ୟାଲେରୀ ଥିବାବେଳେ ଏହି ନୂତନ ଗ୍ୟାଲେରୀ ଯୋଡି ହେବା ପରେ ଗ୍ୟାଲେରୀ ସଂଖ୍ୟା ୧୩ ନଂରେ ପହଁଚିଛି। ଏହି ଗ୍ୟାଲେରୀରେ ନେତାଜୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାୟ ୪୩ଟି ଡାକଟିକେଟ ଶୋଭା ପାଇଛି। ଏହି ଗ୍ୟାଲେରୀରେ ଆଜି ବେଶୀ ଭିଡ ପରିଲକ୍ଷିତ ହୋଇଥିଲା।

#### ନେତାଜୀ ଜୀବିତ ଅଛନ୍ତି !

ନେତାଜୀ ଜୟନ୍ତୀ ଅବସରରେ ଉତ୍ତରପ୍ରଦେଶ ସାହଯାଜପୁର ଅଞ୍ଚଳର ସ୍ୱାଧୀନ ଭାରତ ବିଦ୍ଧିକ୍ ସତ୍ୟାଗ୍ରହ ଅନୁଷ୍ଠାନ ପକ୍ଷରୁ ପ୍ରାୟ ୧୦୦ ଜଣ ସଦସ୍ୟ ଓଡିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଏହି ସଦସ୍ୟ ମାନେ ଆଜିକୁ ୩ ବର୍ଷ ହେବ



ସଂଗ୍ରହାଳକୁ ଆସୁଥିବାବେଳେ ଚଳିତବର୍ଷ ମଧ୍ୟ ସମାନ ଦାବି ଉପସ୍ଥାପନା କରିଛନ୍ତି। ଏହି ଅନୁଷ୍ଠାନର କର୍ମକର୍ତ୍ତା କମଳେଶ କୁମାର ଶର୍ମା କହିଛନ୍ତି ଯେ, ନେତାଜୀ ଜୀବିତ ଅଛନ୍ତି। ଯଦିଓ ନେତାଜୀ ମୃତ ବୋଲି ଘୋଷଣା କରାଯାଏ, ତେବେ ତାଙ୍କ ମୃତ୍ୟୁ ତଥ୍ୟ ଉପସ୍ଥାପନା ସରକାର କରନ୍ତୁ। ନଚେତ୍ ସରକାର ତାଙ୍କୁ ଖୋଜିକି ବାହାର କରନ୍ତୁ ବୋଲି ସେ କହିଛନ୍ତି।

#### ଲୋକପ୍ରତିନିଧି ହଟହଟା

ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଓଡିଆ ବଜାରରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ବ୍ୟାଖାନ କେନ୍ଦ୍ରରେ ଜେଡ୍ ପ୍ଲସ ସୁରକ୍ଷା ସମେତ ପୁଲିସ ପକ୍ଷରୁ କଡାକଡି ଚେକିଂ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପାସ୍‌ର ବ୍ୟବସ୍ଥା କରାଯାଇଥିଲା। ହେଲେ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେବାକୁ ଥିବା ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ସିଂଙ୍କୁ ପୁଲିସ ପରିଚୟ ମାଗିବା ସହ ଭିତରକୁ ଛାଡି ନଥିଲେ। ଫଳରେ ଉଭୟ କିଛି ସମୟ ବାହାରେ ଛିଡା ହୋଇ ରହିଥିଲେ। ପରେ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଉଭୟଙ୍କୁ ଛାଡିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଇପସିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ସ୍ୱତନ୍ତ୍ର ପାସ ଥାଇ ମଧ୍ୟ ତାଙ୍କୁ ଭିତରୁ ଛଡା ଯାଇ ନଥିଲା। ପରେ ସେ ଅନ୍ୟ ସହଯୋଗୀଙ୍କୁ ଯୋଗାଯୋଗ କରିବା ପରେ ଭିତରକୁ ପ୍ରବେଶ କରିଥିଲେ।

#### ଫଳକରେ ସାଂସଦ ଦେବାଶିଷଙ୍କ ନାଁ ନାହିଁ

ନେତାଜୀ ଜୟନ୍ତୀ ଅବସରରେ ଓଡିଆ ବଜାର ସ୍ଥିତ ନେତାଜୀ ସଂଗ୍ରହାଳୟ ପରିସରରେ ପୋଷ୍ଟାଲ ଗ୍ୟାଲେରୀ ଓ ନିକଟରେ ଥିବା ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ। ଉକ୍ତ ସ୍ଥାନରେ ନାମ ଫଳକୁ ସ୍ଥାନିତ କରାଯାଇଥିଲା। ହେଲେ ଏଥିରେ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନାମ ନଥିବା ଦେଖିବାକୁ ମିଳିଛି। ଦେବାଶିଷ ଉପସ୍ଥିତ ନଥିବାବେଳେ ଜଣେ ରାଜ୍ୟସଭା ସଦସ୍ୟ ଭାବେ କାହିଁକି ତାଙ୍କ ନାମ ଉଲ୍ଲେଖ କରାଗଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ, ଭୁଲଟା କେଉଁଠି ହେଇଛି ତାହା ଜାଣି ହେଉନି। ଉପରାଷ୍ଟ୍ରପତି ହେଉଛନ୍ତି ରାଜ୍ୟସଭାର ଅଧ୍ୟକ୍ଷ ଏବଂ ମୁଁ ଜଣେ ତାଙ୍କର ସଦସ୍ୟ। ଏଭଳି ପଦକ୍ଷେପ ଉପରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ କରାଯାଇଛି। ସଂସ୍କୃତି ବିଭାଗ ଏଭଳି କାର୍ଯ୍ୟ କରିଛି ଏବଂ ଏଥିପାଇଁ ମୁଁ ସଚିବଙ୍କୁ ଚିଠି ମଧ୍ୟ ଲେଖିବି। ପ୍ରକାଶଯୋଗ୍ୟ, ନେତାଜୀ ଜୟନ୍ତୀ ଅବସରରେ ନେତାଜୀ ସଂଗ୍ରହାଳୟରେ ପୋଷ୍ଟାଲ ଗ୍ୟାଲେରୀ ଓ ସଂସ୍କୃତି ଭବନ ଉଦଘାଟନ କରାଯାଇଥିଲା। ଏଠାରେ ଥିବା ଫଳରେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ୍, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନାମ ଏଥିରେ ଉଲ୍ଲେଖ କରାଯାଇଛି।



ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ସମାଜସେବୀ ରଞ୍ଜନ ବିଶ୍ୱାଳ

**ରୌପ୍ୟ ନଗରୀରେ 'ବସନ୍ତ ପଞ୍ଚମୀ'**

# ଆଧ୍ୟାତ୍ମିକ ପରିବେଶରେ ଶ୍ରଦ୍ଧାଳୁ ଦେଲେ ପୁଷ୍ପାଞ୍ଜଳି

**କଟକ, ୨୩।୧(ସମିସ)**

ବିଦ୍ୟା, ବୁଦ୍ଧି, ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀ ମା' ସାରସ୍ୱତୀଙ୍କ ପୂଜା କଟକ ସହରରେ ଭକ୍ତିଭାବ, ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ବସନ୍ତ ପଞ୍ଚମୀ ଅବସରରେ ସମଗ୍ର ସହର ହଳଦିଆ ଓ ଧଳା ରଙ୍ଗରେ ରଙ୍ଗିନ ହୋଇଥିବା ବେଳେ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଯାଇଥିଲା। ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଛାତ୍ରାବାସ, କ୍ଲବ୍ ଓ ସାହିଗୁଡ଼ିକରେ ମା'ଙ୍କ ସୁନ୍ଦର ପ୍ରତିମା ସଜାଇ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପ୍ରତିମାଗୁଡ଼ିକୁ ଫୁଲ, ଆଲୋକ, ରଙ୍ଗୋଲି ଓ ସୃଜନାତ୍ମକ ଥିମ୍ ଦ୍ୱାରା ଆକର୍ଷଣୀୟ ଭାବେ ସଜାଯାଇଥିଲା, ଯାହା ଖୁବ୍ ମନୋହର ଥିଲା। ସକାଳୁ ମନ୍ତ୍ରୋଚ୍ଚାରଣ, ହୋମଯଜ୍ଞ ଓ ପୁଷ୍ପାଞ୍ଜଳି ସହ ପୂଜାର ଆରମ୍ଭ ହୋଇଥିଲା। ଛୋଟ ଛୋଟ ଶିଶୁମାନେ ପ୍ରଥମଥର ପାଇଁ ଖଡ଼ି ଧରି "ଓଁ ଐଁ ସରସ୍ୱତ୍ୟୈ ନମଃ" ଲେଖି ମା'ଙ୍କ ଆଶୀର୍ବାଦ ନେଇଥିଲେ। ଛାତ୍ରଛାତ୍ରୀମାନେ ତାଙ୍କର ଖାତା, ପୁସ୍ତକ, କଲମ, ବାଦ୍ୟଯନ୍ତ୍ର ଓ କଳାସାମଗ୍ରୀକୁ ମା'ଙ୍କ ଚରଣରେ ରଖି ସଫଳତା ଓ ଜ୍ଞାନଲାଭ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଖାନନଗର ରଣା' ମା ସାହିରେ ସାମୂହ କର୍ଣ୍ଣ ଭେଦ ସଂସ୍କାର କାର୍ଯ୍ୟକ୍ରମ କରାଯାଇଥିଲା। ଦୀର୍ଘ ୧୪ ବର୍ଷ ଧରି ଏହି





ପରମ୍ପରା ଚାଲି ଆସୁଥିବା ବେଳେ କର୍ଣ୍ଣ ଭେଦନ ଦ୍ୱାରା ହିନ୍ଦୁ ଧର୍ମରେ ଶିଶୁ ମାନଙ୍କର ବୌଦ୍ଧିକ ବିକାଶ ପାଇଁ ଏହା କରାଯାଏ ବୋଲି ବିଶ୍ୱାସ ରହିଛି। ବସନ୍ତ ପଞ୍ଚମୀରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ୧୦୦ରୁ ଅଧିକ ଶିଶୁ ଓ ଯୁବକଙ୍କ କର୍ଣ୍ଣ ଭେଦ କରାଯାଇଥିଲା।

**ଖାନନଗର ରଣା'ମା ସାହିରେ ସମୂହ କର୍ଣ୍ଣଭେଦ ସଂସ୍କାର**

ସହରର ବକ୍ସିବଜାର, ମାଲଗୋଦାମ, ମର୍କତନଗର, ବିଡାନାସୀ, ମଙ୍ଗଳାବାଗ, କାଠଗୋଲା, ନୟାସଡ଼କ ଓ ମାରୱାଡିପଡ଼ା ଭଳି ଅଞ୍ଚଳଗୁଡ଼ିକରେ ସାରସ୍ୱତୀ ପୂଜାକୁ କେନ୍ଦ୍ର କରି ବିଶେଷ ଉତ୍ସବ ମାହୋଲ ଦେଖାଯାଇଥିଲା। ସନ୍ଧ୍ୟା ସମୟରେ ଭଜନ, କୀର୍ତ୍ତନ, ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ମଣ୍ଡପଗୁଡ଼ିକ ଜନସମାଗମରେ ପରିପୂର୍ଣ୍ଣ ହୋଇଯାଇଥିଲା। କିଛି ସ୍ଥାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ପୂଜା ଅବସରରେ ସହରର ବଜାର ଓ ଦୋକାନଗୁଡ଼ିକରେ ଭିଡ଼ ଦେଖାଯାଇଥିବା ବେଳେ, ଫୁଲ, ପୂଜା ସାମଗ୍ରୀ ଓ ମିଠା ବ୍ୟବସାୟ ଜୋରଦାର ହୋଇଥିଲା। ପୁଲିସ ପକ୍ଷରୁ ସହରରେ ଯାତାୟାତ ନିୟନ୍ତ୍ରଣ, ପେଟ୍ରୋଲିଂ ଓ ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଶୃଙ୍ଖଳା ରକ୍ଷା କରାଯାଇଥିଲା। ଆସନ୍ତାକାଲି ସହରର ବିଭିନ୍ନ ଘାଟ ଓ ଜଳାଶୟରେ ମା' ସାରସ୍ୱତୀଙ୍କ ବିସର୍ଜନ ଭକ୍ତିଭାବ ଓ ଶାନ୍ତିପୂର୍ଣ୍ଣ ପରିବେଶରେ କରାଯିବ।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଅପରାଜେୟ ସଂଗ୍ରାମର ପ୍ରତୀକ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅମ୍ଳାନ ଶିଖା 'ନେତାଜୀ' ସୁଭାଷ ଚନ୍ଦ୍ର ବୋଷ ଏବଂ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଆଜି କଟକ ଜିଲ୍ଲା ସମ୍ପୂର୍ଣ୍ଣ ରୂପେ ଦେଶପ୍ରେମର ରଙ୍ଗରେ ରଙ୍ଗେଇ ହୋଇଯାଇଛି। ନେତାଜୀଙ୍କ ଜନ୍ମମାଟି କଟକ ସହରରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳରେ ଏହି ଦୁଇ ବୀର ସନ୍ତାନଙ୍କ ସ୍ମୃତି ଚାରଣ କରାଯାଇଛି। ସକାଳୁ ସକାଳୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତି ସଭା ଆୟୋଜିତ ହୋଇ ଦେଶ ପ୍ରତି ସେମାନଙ୍କର ଅତୁଳନୀୟ ଅବଦାନକୁ ମନେ ପକାଯାଇଛି। ଆଜିର ଏହି ପବିତ୍ର ଦିବସରେ ସମଗ୍ର ଜିଲ୍ଲାବାସୀ ଏହି ଦୁଇ ମହାନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସଂକଳ୍ପ ଗ୍ରହଣ କରିଛନ୍ତି।

ତିଗିରିଆ,୨୩ା୧(ସମିସ): ତିଗିରିଆ ବ୍ଲକ ଅଧୀନ ଅମୁଣିଆ ସାହି ଗ୍ରାମର ମା' ମଙ୍ଗଳା ୟୁନାଇଟେଡ୍ ୱେଲଫେୟାର କ୍ଲବ ତରଫରୁ ଶୁକ୍ରବାର ୧୨୯ ତମ



ନେତାଜୀ ଜୟନ୍ତୀ ଓ ୨୧୭ ତମ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଛି। ସଭାପତି ଡ. ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ କ୍ଲବ ଗୃହ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବୋଧ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ମହାନ୍ତି, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଦସ୍ୟ ଚନ୍ଦନ ମହାନ୍ତି, ସୁଶାନ୍ତ ମହାନ୍ତି, ସମୀର ମହାନ୍ତି, ସନ୍ତୋଷ ମହାନ୍ତି, ଡାଗୁଲା ମହାନ୍ତି, ଭରତ ମହାନ୍ତି, ପ୍ରଶାନ୍ତ ସେନାପତି, ଉପେନ୍ଦ୍ର ମହାନ୍ତି, ଚିକୁ ପିରୋଇ, ଗୋପାଳି ପ୍ରଧାନ, ପ୍ରଶାନ୍ତ ରାଉତ, ଅଭୟ ମହନ୍ତ, ରାହୁଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ନେମାଳ:** ଗାନ୍ଧୀଭବନ ସ୍ମୃତି କମିଟି, ନେମାଳ ଆନୁକୂଲ୍ୟରେ ନେତାଜୀ ସୁବାଷ




ଚନ୍ଦ୍ର ବୋଷଙ୍କ ୧୨୯ ତମ ଜୟନ୍ତୀ ନେମାଳ ଗାନ୍ଧୀଭବନ ପରିସରରେ ପାଳିତ ହୋଇଯାଇଛି। ସଭାର ଆବାହକ ପରମାନନ୍ଦ ସେଠୀଙ୍କ ତତ୍ତ୍ୱବଧାନରେ ଏବଂ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ନାରାୟଣ ଦ୍ୱିବେଦୀ, ମୁଖ୍ୟବକ୍ତା ସାହିତ୍ୟିକ ତନ୍ମୟ କିଶୋର ଦାସଙ୍କ ସହ ସମାଜସେବୀ ବିଭୁ ପ୍ରସାଦ ଦ୍ୱିବେଦୀ, ରତ୍ନାକର ବାରିକ, ହିମାଂଶୁ ଶେଖର ଦାସ, ସୁବାଷ ସିଂ, ବ୍ରଜକିଶୋର ମହାରଣା, ଏକାଦଶୀ ବେହେରା, ପରୀକ୍ଷିତ ମଲିକ, ଜିତେନ୍ଦ୍ର ତାଣ୍ଡି, ପରମାନନ୍ଦ ବାରିକ, ପ୍ରମୋଦ ଦଳାଇ, ରାଜକିଶୋର ମଲିକ, ଅବିନାଶ ମିଶ୍ର ଯୋଗଦେଇଥିଲେ। ସାମ୍ବାଦିକ ଗୋବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

**ଡ୍ରିମ୍ସ ବିଶ୍ୱବିଦ୍ୟାଳୟ:** ଦେଶର ମୁକ୍ତି ସଂଗ୍ରାମର ଅଜେୟ ଯୋଦ୍ଧା,



ମହାନ୍ ବିପ୍ଳବୀ ନେତାଜୀ ସୁଭାଷ ବୋଷଙ୍କ ୧୨୯ତମ ପବିତ୍ର ଜୟନ୍ତୀ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଥିଲା। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବିଭିନ୍ନ ବିଭାଗର ପଦାଧିକାରୀ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ଜୀବନାନନ୍ଦ ମେହେନା, 'ଡିନ୍' ଡ. ବିଶ୍ୱରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ ମଲ୍ଲିକ, ଅଧ୍ୟାପକ ଡ. ଅଜିତ ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର, ଲୋକସଂପର୍କ ଅଧିକାରୀ ନିରାକାର ସାହୁ, ସୁରକ୍ଷା ଅଧିକାରୀ ରାଜ କିଶୋର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

**ଆଞ୍ଚଳିକ ଶାନ୍ତି କମିଟି: ଫୁଲନଖରା :** ଆଜାଦ୍‌ହିନ୍ଦ୍ ଫୌଜର ପ୍ରତିଷ୍ଠାତା ତଥା



ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ଅବସରରେ ଫୁଲନଖରା ଛକରେ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ସମେତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସଂପାଦକ ସୁରେନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ୫୮ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ସମିତିସଭ୍ୟ ଶୁକଦେବ ମଲ୍ଲିକ, ଫୁଲନଖରା ବ୍ୟବସାୟୀ ସଂଘର ସଭାପତି କିଶୋର ପଟ୍ଟନାୟକ, ସୁଶାନ୍ତ ମହାନ୍ତି, ବାଦଲ ଜେନା, ନଳିନୀ ସେନାପତି, କୌଶିକ ଜେନା, କବି ନାରାୟଣ ଜେନା, ଚିତ୍ତରଞ୍ଜନ ଦାସ, ପ୍ରମୋଦ ଓଝା, ପ୍ରମୋଦ ବେହେରା, ପ୍ରତାପ ରାଉତରାୟ, ଆଲୋକ ମହାନ୍ତି ଓ ଜିତନ୍ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାମଲୀଳା ପ୍ରଚାର ପ୍ରମୁଖ ଅରୁଣ ରାଉତ, ଯୁବ ଉଦ୍ୟୋଗୀ ରଣଜିତ୍ ସ୍ୱାଇଁ ଓ ଅଞ୍ଚଳର ନୂତନ ଭାବେ ଏମ୍‌ବିବିଏସ୍ ପାସ୍ କରିଥିବା ଛାତ୍ରୀ ଡାକ୍ତର ସ୍ନେହାଲିନ୍ ଜେନାଙ୍କ ସମେତ ୩୦ଜଣଙ୍କୁ ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ତିଗିରିଆ ସଂସ୍କୃତି ପରିଷଦ-:** ତିଗିରିଆ ସଂସ୍କୃତି ପରିଷଦ ପକ୍ଷରୁ ସଭାପତି



ସୁବୋଧ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ତିଗିରିଆ ଟାଉନ କ୍ଲବ ପରିସରରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସ୍କୃତି ପରିଷଦର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସୁବାସ ଚନ୍ଦ୍ର ମହାନ୍ତି, ଆଇନଜୀବୀ ବିକ୍ରମ କେଶରୀ ଦାଶ, ସାମାଜିକ କର୍ମୀ ଗିରିଜା ପ୍ରସାଦ ପଟ୍ଟନାୟକ, ଜଗବନ୍ଧୁ ତୁଙ୍ଗ ସାମନ୍ତ, ଜୟନ୍ତ ସିଂ, ପ୍ରଦୀପ ପଟ୍ଟନାୟକ, ସରୋଜ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଅକ୍ଷୟ କଅଁର, ଦୀପ୍ତି ରଞ୍ଜନ ଦାସ, ଶ୍ରୀଧର ପଣ୍ଡା ଏବଂ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ରହି ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

## ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ରେଭେନ୍ସା କଲିଜିଏଟ୍ ସ୍କୁଲ୍ ପୁରାତନ ଛାତ୍ର

କଟକ,୨୩ା୧(ସମିସ): ରେଭେନ୍ସା କଲିଜିଏଟ୍ ସ୍କୁଲ୍ ପୁରାତନ ଛାତ୍ର ଆଜି ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ସ୍କୁଲ୍‌ରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍କୁଲର ପୁରାତନ ଛାତ୍ର ସଂସଦର ପୂର୍ବତନ ସମ୍ପାଦକ ଉମାଶଙ୍କର ମିଶ୍ର ଓ ଦେବାଶିଷ ଦାସଙ୍କ ସମେତ ଶଶାଙ୍କ ଶେଖର ମହାପାତ୍ର, ସୁପ୍ରଭା ମହାନ୍ତି, ମନୋଜ ସାହୁ, ମନୋଜ ମହାପାତ୍ର, ବିକ୍ରମ ସିଂହ, ଦେବୀ ପ୍ରସନ୍ନ ମହାପାତ୍ର, ବ୍ରଜବନ୍ଧୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ।



## ଜାତୀୟ ସେବା ଶିବିର ଉଦ୍‌ଯାପିତ

ମାହାଙ୍ଗା,୨୩ା୧(ସମିସ): ପଲ୍ଲୀସାହି ସ୍ଥିତ ମାହାଙ୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଶିବିର ଉଦ୍‌ଯାପିତ ହୋଇଯାଇଛି। ସାତଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ପ୍ରଫେସର ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରି ଶିବିରାର୍ଥୀଙ୍କୁ ଛାତ୍ର ସମାଜରେ ସ୍ୱେଚ୍ଛାସେବୀର ଭୂମିକା ଓ ନୈତିକ ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିଥିଲେ। ଏହି ଶିବିରର ବିଭିନ୍ନ ଦିବସରେ ସଫେଇ, ପରିବେଶ ସୁରକ୍ଷା, ନିଶାନିବାରଣ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ପ୍ରୋଗ୍ରାମ ଅଫିସର ତାନଜିମ ତଲତ ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାହୁ, ଅଧ୍ୟାପିକା ପ୍ରମିଳା ରାଉତ, ପୁଷ୍ପାଞ୍ଜଳି ଶତପଥୀ, ବନୀତା ବରାଳ, ସସ୍ମିତା ସେଠୀ, ଅଧ୍ୟାପକ ଶରତ ବେହେରା, ବୀରବର ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଫରଜାନା ଅଞ୍ଜୁମ ଧନ୍ୟବାଦ ଦେଇଥିଲେ।

# ସବୁଠି ପୂଜା ପାଇଲେ ବୀଣାପାଣି

## ଶିକ୍ଷାନୁଷ୍ଠାନଗୁଡ଼ିକରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହେଲା ବସନ୍ତ ପଞ୍ଚମୀ



ବାରଙ୍ଗ



ଚୌଦ୍ୱାର





ଡ୍ରିମ୍ସ ବିଶ୍ୱବିଦ୍ୟାଳୟ

ଋତୁରାଜ ବସନ୍ତର ଆଗମନ ସହିତ ଆଜି କଟକ ଜିଲ୍ଲାର କୋଣ ଅନୁକୋଣରେ ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜା ଅତ୍ୟନ୍ତ ଆଡମ୍ବର ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଶୁଭ୍ରବସ୍ତ୍ର ପରିଧାନ କରି ହାତରେ ବୀଣା ଓ ପୁସ୍ତକ ଧାରଣ କରିଥିବା ଜ୍ଞାନର ଦେବୀଙ୍କୁ ସ୍ୱାଗତ କରିବା ପାଇଁ ଆଜି ଜିଲ୍ଲାର ପ୍ରତିଟି ଶିକ୍ଷାନୁଷ୍ଠାନ ଉତ୍ସବମୁଖର ହୋଇଉଠିଥିଲା। ସକାଳୁ ସକାଳୁ ଛାତ୍ରଛାତ୍ରୀମାନେ ନୂତନ ପୋଷାକ ପରିଧାନ କରି ହାତରେ ପୁଷ୍ପାଞ୍ଜଳି ଧରି ମା'ଙ୍କ ଶରଣାପନ୍ନ ହୋଇଥିବା ବେଳେ ଶଙ୍ଖ, ଘଣ୍ଟ ଓ ମନ୍ତ୍ରଧ୍ୱନିରେ ସ୍କୁଲ ଓ କଲେଜ ପରିସର ପ୍ରକମ୍ପିତ ହୋଇଥିଲା। ଶାନ୍ତି ଏବଂ ଶୃଙ୍ଖଳାର ସହ ଆୟୋଜିତ ଏହି ପୂଜା କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ମା'ଙ୍କ ପାଖରେ ନିଜର ପାଠ୍ୟପୁସ୍ତକ ରଖି ଜ୍ଞାନ ଭିକ୍ଷା କରିବା ସହ ଧୂମଧାମରେ ବସନ୍ତ ପଞ୍ଚମୀ ଉତ୍ସବକୁ ଉପଭୋଗ କରିଛନ୍ତି।

ଟାଙ୍ଗୀ,୨୩ା୧(ସମିସ): ପବିତ୍ର ଶ୍ରୀ ପଞ୍ଚମୀ ମା' ସରସ୍ୱତୀଙ୍କ ପୂଜା ଟାଙ୍ଗୀ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ମୁଖ୍ୟାଳୟ ତଥା ଟାଙ୍ଗୀ କଲେଜ, ଡ୍ରିମସ ବିଶ୍ୱବିଦ୍ୟାଳୟ, ଭଗତପୁର କଲେଜ ଓ ବିଶ୍ୱନାହାକାଣୀ କଲେଜ ସମେତ ବିଭିନ୍ନ ହାଇସ୍କୁଲ ଅନ୍ୟ ବିଦ୍ୟାଳୟ ଓ କୋଚିଙ୍ଗ ସେଣ୍ଟର ମାନଙ୍କରେ ସରସ୍ୱତୀ ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଟାଙ୍ଗୀ ସ୍ଥିତ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ୫ଟି କ୍ୟାମ୍ପସରେ ପୃଥକ୍ ପୂଜା ପ୍ରତିଯୋଗିତାମୂଳକ ଭାବେ ସହସ୍ରାଧିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଅଧ୍ୟକ୍ଷ ତ୍ରିଦେବ ବେହେରା ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆଞ୍ଜୁଆ ଠାରେ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତ୍ୟରେ ଶତାଧିକ ଛାତ୍ରଛାତ୍ରୀଙ୍କ ଗହଣରେ ସରସ୍ୱତୀ ପୂଜା ହୋଇଥିବା ଜଣାପଡିଛି।

**ବାରଙ୍ଗ ତ୍ରିଶୂଳିଆ :** ପବିତ୍ର ବସନ୍ତ ପଞ୍ଚମୀ ସରସ୍ୱତୀ ପୂଜାରେ ତ୍ରିଶୂଳିଆ ନିକଟସ୍ଥ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ବହୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ ହୋଇଯାଇଛି। ଏହି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଭିଭାବିକା ଓ ଛାତ୍ରଛାତ୍ରୀମାନେ ଉପଭୋଗ କରିଥିଲେ। ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ ବାଗ୍ ଦେବୀ ମା ସରସ୍ୱତୀଙ୍କ ପୂଜାକୁ ସୁଚାରୁ ରୂପେ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲେ।

**ଡ୍ରିମ୍ସ ବିଶ୍ୱବିଦ୍ୟାଳୟ:** ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ବିଦ୍ୟାଦାୟିନୀ ଦେବୀ ମା' ସରସ୍ୱତୀଙ୍କ ପୂଜା ଆରାଧନା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ସ୍ୱରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା ହୋଇଥିଲା। ଡ୍ରିମ୍ସ ମେଡିକାଲ କଲେଜ, ଇଚ୍ଛାବତୀ ଛାତ୍ରୀ ନିବାସ, କପିଳ ଛାତ୍ରାବାସ, ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଲିଟେକନିକ୍ (ସ୍ୱୟଂଶାସିତ) ଓ ମୁଖ୍ୟ ପ୍ରଶାସନିକ ଭବନରେ ବାଗ୍‌ଦେବୀଙ୍କ ଆବାହନ ହୋଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଚିତ୍ତ ରଞ୍ଜନ ଷଡଙ୍ଗୀ, ଡ. ତପସ୍ୱିନୀ ସାହୁ, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, 'ଡିନ୍' ବିଶ୍ୱରଂଜନ ମହାନ୍ତି, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ପ୍ରାଧ୍ୟାପକ ଡ. ଜୀବନାନନ୍ଦ ମେହେନା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ ମଲ୍ଲିକ, ଡ. ଅଜିତ ମହାପାତ୍ର, ଅଧ୍ୟାପିକା ସାଗରିକା ନାୟକ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ସୁରକ୍ଷା ଅଧିକାରୀ ରାଜକିଶୋର ବିଶ୍ୱାଳ ପ୍ରମୁଖ ପୂଜା ମଣ୍ଡପକୁ ଯାଇ ଦେବୀ ସରସ୍ୱତୀଙ୍କୁ ଦର୍ଶନ ସହ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଏହି ଉପଲକ୍ଷେ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଚୌଦ୍ୱାର:** ଚୌଦ୍ୱାର ସହର ଓ ଏହା ଆଖପାଖ ଅଞ୍ଚଳରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ ସହିତ ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନରେ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହୋଇଛି। ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ପ୍ରଜ୍ଞାପୀଠ ଗାୟତ୍ରୀ ମନ୍ଦିରରେ ମା'ଙ୍କର ନାନା ଉପଚାର ପୂଜା ସହିତ ନବ କୁଣ୍ଡୀୟ ଗାୟତ୍ରୀ ମାହଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞରେ ଆହୁତି ପ୍ରଦାନ ସହିତ ପ୍ରସାଦ ସେବନ କରିଥିଲେ। ସ୍ଥାନୀୟ ୟୁଏମ୍‌ଏସ୍‌ଏଲ କାରଖାନାରେ ପୂଜାର୍ଚ୍ଚନା ସହିତ ହନୁମାନ ଚାଳିଶା ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ସଦନ ପରିସରରେ ଆୟୋଜିତ ପୂଜାରେ ପିଲାମାନେ ମା'ଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପିଲାମାନଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା, ବେଦ ଆବୃତ୍ତି ଓ ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଶ୍ରୀ ସତ୍ୟସାଇଙ୍କ ପୂଜାର୍ଚ୍ଚନା ଓ ସାଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଟିଏମ୍ କଲୋନୀସ୍ଥିତ ସତ୍ୟ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୌରପାଳିକା ୧୧ ନମ୍ବର ୱାର୍ଡ ସ୍ଥିତ ରୋୟାଲ କ୍ଲବ୍‌ରେ ସରସ୍ୱତୀ ପୂଜା ଧୂମଧାମରେ ଅନୁଷ୍ଠିତ ହୋଇଥିଲା।



ନିଶ୍ଚିନ୍ତକୋଇଲି

**ସାଲେପୁର:** ଆଜି ସାଲେପୁର ଅଞ୍ଚଳର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ଯଥାବିଧିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର କଲେଜ, ଫାର୍ମାସୀ କଲେଜ, ନବପ୍ରଭାତ ଆଇଟିଆଇ, ସାବିତ୍ରୀଦେବୀ କଲେଜ, ସାଲେପୁର ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରୋଧପୁର ହାଇସ୍କୁଲ, ସାଲେପୁର ଆଦର୍ଶ ବିଦ୍ୟାଳୟ, ସାଲେପୁର ଅଞ୍ଚଳିକ ସାମ୍ବାଦିକ କାର୍ଯ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜା ମଣ୍ଡପକୁ ବିଭିନ୍ନ ପ୍ରକାର ପୁଷ୍ପରେ ସୁସଜ୍ଜିତ କରାଯିବା ସହ ମା'ଙ୍କ ବିଗ୍ରହ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। କେନ୍ଦୁପାଟଣା ସରକାରୀ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମକୃଷ୍ଣପୁର-ଓସ୍ତପୁର ଉଚ୍ଚ ବିଦ୍ୟାଳୟ, କୁଳିଆ କାଶିପୁର ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ, ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟ, ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ, ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନତକାଇ ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ର, ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ମା' ସରସ୍ୱତୀଙ୍କର ପୂଜାର୍ଚ୍ଚନା, ହୋମଯଜ୍ଞ ଓ ପୁଷ୍ପାଞ୍ଜଳି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆନନ୍ଦ ଉଲ୍ଲାସର ସହିତ ଛାତ୍ରଛାତ୍ରୀମାନେ ଭୋଜିଭାତର ଆୟୋଜନ କରିଥିଲେ।

**ତିଗିରିଆ:** ତିଗିରିଆ ବ୍ଲକ ଅଧୀନ ବିଭିନ୍ନ



ତିଗିରିଆ

ଛାତ୍ରଛାତ୍ରୀମାନେ ମା'ଙ୍କ ପୂଜାରେ ସାମିଲ ହୋଇ ମା'ଙ୍କ କୃପାଭିକ୍ଷା କରିଥିଲେ।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍କୁଲ କଲେଜ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ବିଦ୍ୟାଦାତ୍ରୀ ବାଗ୍‌ଦେବୀ ଶ୍ରୀ ଶ୍ରୀ ସରସ୍ୱତୀ ଦେବୀଙ୍କ ଯଥାରୀତି ପୂଜାର୍ଚ୍ଚନା ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ପ୍ରତ୍ୟକ ଶିକ୍ଷାନୁଷ୍ଠାନ ଉତ୍ସବମୁଖର ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ଭକ୍ତି ସହକାରେ ମା'ଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି ବିଦ୍ୟା ଭିକ୍ଷା କରିଛନ୍ତି। ଏହି ବ୍ଲକ ଅଧିନସ୍ଥ ଜିଗ୍ନିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଜିଗ୍ନିପୁର ପ୍ରାଥମିକ ବିଦ୍ୟାଳୟ, ଲାଲବାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନମାନଙ୍କରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜନ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଜିଗଡ଼ ପଞ୍ଚାୟତ ଅଧୀନ କଳାପାଟ ଆଇଟିଆଇରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମହାପାତ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ରାଉତ, ମୁଖ୍ୟ ପରିଚାଳକ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଛାତ୍ର ଚିନ୍ମୟ ରଣା, ଶୁଭେନ୍ଦୁ ସାହୁ, ରୁଦ୍ରଜିତ ସ୍ୱାଇଁ, ତ୍ରିଲୋଚନ ପ୍ରଧାନ ଏହି ପୂଜାକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ଅନ୍ୟ ଛାତ୍ର ଉପସ୍ଥିତ ରହି ପୂଜା ପରିଚାଳନାରେ ସହଯୋଗ କରିଥିଲେ।

## ମାହାଙ୍ଗାରେ ଚାଷୀଙ୍କୁ 'ଧାନ' କଷ୍ଟ

# କ୍ୱିଣ୍ଟାଲ ପିଛା ୧୭୦୦ ଟଙ୍କାରେ ଅଭାବୀ ବିକ୍ରି

ଭଦ୍ରେଶ୍ୱର,୨୩।୧(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ପ୍ରଶାସନିକ ଅପାରଗତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ସରକାରୀସ୍ତରରେ ଧାନ କ୍ରୟ ପାଇଁ ବଡ଼ ବଡ଼ ଘୋଷଣା କରାଯାଇଥିଲେ ହେଁ, ବାସ୍ତବରେ ମାହାଙ୍ଗାର ୩୭ଟି ପଞ୍ଚାୟତର ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ଏବଂ ମିଲର-ଅଧିକାରୀଙ୍କ ସଲାସୁତରା ଯୋଗୁଁ ସାଧାରଣ ଚାଷୀ ନିଜର ରକ୍ତଭିଜା ଶ୍ରମର ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି। କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ସେବା ସମବାୟ ସମିତିଗୁଡ଼ିକ ମାଧ୍ୟମରେ ଧାନ କ୍ରୟ କରିବାକୁ ନିୟମ ରହିଛି। ମାତ୍ର ଜାନୁଆରୀ ମାସ ଶେଷ ହେବାକୁ ବସିଥିଲେ ହେଁ, ଅଧିକାଂଶ ସମିତିରେ ତାଲା ଝୁଲୁଛି। ହାତଗଣତି ଗୋଟିଏ କିମ୍ବା ଦୁଇଟି କେନ୍ଦ୍ର ଖୋଲାଯାଇଥିବା ବେଳେ ସେଠାରେ ମଧ୍ୟ ଚାଷୀଙ୍କୁ ଶୋଷଣ କରାଯାଉଛି। ବିଶେଷ କରି କଟନୀ-ଛଟନୀ ନାମରେ କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି ଧାନ କାଟି ଦିଆଯାଉଥିବାରୁ ଚାଷୀମାନେ ବ୍ୟାପକ ଆର୍ଥିକ କ୍ଷତି ସହୁଛନ୍ତି। ସରକାରୀ ମଣ୍ଡିର ଏଭଳି ବିପର୍ଯ୍ୟସ୍ତ ଅବସ୍ଥାର ସୁଯୋଗ ନେଇ କଳାବଜାରୀ ଓ ଦଲାଲମାନେ ସକ୍ରିୟ ହୋଇଉଠିଛନ୍ତି। ଚାଷୀ ବ୍ୟାଙ୍କ ଋଣ ଏବଂ ଗାଁ ମହାଜନଙ୍କ ଧାର ସୁଝିବା ଚିନ୍ତାରେ ମାତ୍ର ୧୭୦୦ ଟଙ୍କାରେ ନିଜର ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ଆଶ୍ଚର୍ଯ୍ୟର କଥା, ଏହି ଧାନ ଶହ ଶହ ଟ୍ରକ୍‌ରେ ଲଦା ହୋଇ ସ୍ପଷ୍ଟ ଦିବାଲୋକରେ ଆନ୍ଧ୍ର ପ୍ରଦେଶକୁ ଚାଲାଣ କରାଯାଉଛି।

### ସରକାରୀ ମଣ୍ଡି ବ୍ୟବସ୍ଥା ଫେଲ୍

### ସ୍ପଷ୍ଟ ଦିବାଲୋକରେ ଆନ୍ଧ୍ରକୁ ଚାଲାଣ ହେଉଛି ଶହ ଶହ ଟ୍ରକ୍ ଧାନ

କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ତନଖି ଫାଟକରେ ଥିବା କର୍ମଚାରୀମାନେ ମୋଟା ଅଙ୍କର ପିସି ନେଇ ଏହି ବେଆଇନ କାରବାରକୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଧାନ ବିକ୍ରି ପାଇଁ ଚାଷୀ ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧିମାନେ ନିରବଦ୍ରଷ୍ଟା ସାଜିବା ଘଟଣା ଚାଷୀମାନଙ୍କୁ ଆହୁରି ମର୍ମାହତ କରିଛି। ସରକାର ତୁରନ୍ତ ସମସ୍ତ ପଞ୍ଚାୟତରେ ମଣ୍ଡି ଖୋଲି ଉପଯୁକ୍ତ ମୂଲ୍ୟରେ ଧାନ କ୍ରୟ ନ କଲେ, ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି।

### ୭୦ ହଜାରରୁ ମାତ୍ର ୬୫୬୭ ଚାଷୀଙ୍କ ଠାରୁ ଧାନ ସଂଗ୍ରହ

କଟକ,୨୩।୧(ସମିସ): ଚଳିତ ବର୍ଷ ଖରିଫ ଋତୁରେ କଟକ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ଏହା ସବୁ ମଣ୍ଡିରେ ଆରମ୍ଭ ହୋଇପାରିନଥିବା ଜଣାପଡିଛି। ଅନ୍ୟପଟରେ ଏହି ସମୟରେ ଧାନ କିଣା ଆରମ୍ଭ ନହେଲେ ଚାଷୀ ମାନଙ୍କୁ ମିଳିଥିବା ଟୋକନ ତାରିଖ ଗଡିଯିବାର ଆଶଙ୍କା ଦେଖାଦେଇଛି। ଜିଲ୍ଲାରେ ଏଥର ମୋଟ ୨୧୩ମଣ୍ଡି ପ୍ରାଥମିକ ସେବା ସମବାୟ ସମିତି ଗୁଡିକରେ ଖୋଲିବାକୁ ଥିବା ବେଳେ ୧୯୯ଟି ମଣ୍ଡି ଖୋଲିଛି। ଜିଲ୍ଲାରେ ମୋଟ ୭୩ହଜାର ଚାଷୀ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ୭୦ହଜାର୫୮୬ଜଣଙ୍କର ଯାଞ୍ଚ ଶେଷ ହୋଇଛି। ସରକାର ଏଫଏକ୍ୟୁ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ଚାଷୀଙ୍କୁ ବୋନସ ବାବଦରେ କ୍ୱିଣ୍ଟାଲ ପ୍ରତି ୩୧୭୦ଟଙ୍କା ଧାର୍ଯ୍ୟ କରିଛନ୍ତି। ଚାଷୀଙ୍କ ଠାରୁ ୧୨ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଯୋଗାଣ ବିଭାଗ ଲକ୍ଷ୍ୟ ରଖିଛି। ଜିଲ୍ଲାରେ ଏଥର ୧ଲକ୍ଷ୨୩ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ଏବେ ସୁଦ୍ଧା ୬୫୬୭ଚାଷୀ ୨ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି।

## ମଣ୍ଡିରେ ଚାଷୀଙ୍କ ଧାନର ମାନ ନିର୍ଦ୍ଧାରଣ



ନିଶ୍ଚିନ୍ତକୋଇଲି,୨୩।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଖୋଲିଥିବା ଧାନମଣ୍ଡିରେ ଧାନ କ୍ରୟ କଲାବେଳେ କୌଣସ ଚାଷୀଙ୍କ ଧାନର ମାନ ନିର୍ଦ୍ଧାରଣ ନକରି କ୍ୱିଣ୍ଟାଲ ପିଛା ୩ କିଲୋରୁ ୫ କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ କରି ଧାନ କ୍ରୟ କରାଯାଉଛି। ହେଲେ ସୁକରପଡା ଧାନମଣ୍ଡି ଖୋଲିବା ପୂର୍ବରୁ ଏହି ମଣ୍ଡିରେ ଧାନର ଉପଯୁକ୍ତ ମାନ ନିର୍ଦ୍ଧାରଣ ପାଇଁ ହଳଧରପୁରର ବରିଷ୍ଠ ଚାଷୀ ଜ୍ୟୋତିପ୍ରକାଶ ସ୍ୱାଇଁ ଦାବି କରିଥିଲେ। ଶୁକ୍ରବାର ଦିନ ଧାନ ମଣ୍ଡି ଖୋଲିବା ପୂର୍ବରୁ ଆରଏମସି କର୍ମଚାରୀଙ୍କ ପକ୍ଷରୁ ଗ୍ରେନ ଆନାଲାଇଜର ମେସିନ ଦ୍ୱାରା ୧୦ଜଣ ଚାଷୀଙ୍କ ଧାନର ମାନ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ୯ଜଣ ଚାଷୀଙ୍କର ଧାନ ଏଫଏକ୍ୟୁ ମାନ ହୋଇ ନ ଥିବା ବେଳେ କେବଳ ଚାଷୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ଧାନ ଏଫଏକ୍ୟୁ ହୋଇଥିବା ଦେଖାଯାଇଥିଲା। ନିୟମ ଅନୁଯାଇ ଏଫଏକ୍ୟୁ ଧାନକୁ ସରକାର ୩୧୦୦ ଟଙ୍କା ଦେବାପାଇଁ ଘୋଷଣା କରିଥିବା ବେଳେ ଏହି ଚାଷୀଙ୍କ ଧାନ ବିକ୍ରିରେ କଟନୀ ଛଟନୀ ହେବକି ନାହିଁ ତାହା ଜାଣିବା ପାଇଁ ଚାଷୀମାନେ ଅପେକ୍ଷା କରିଛନ୍ତି। ଆଜି ସୁକରପଡା ସେବା ସମବାୟ ସମିତି ସମ୍ପାଦକ ଜିତେନ୍ଦ୍ର ଘଡେଇଙ୍କ ସଂଯୋଜନାରେ ମଣ୍ଡି ଖୋଲିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସଭାପତି ସେକ ସଲାଉଦ୍ଦିନ, ଆରଏମସିର ତଦାରଖ କର୍ମଚାରୀ ସେଖ ମହମ୍ମଦ ଇଦ୍ରିସ, ମୃତ୍ୟୁଞ୍ଜୟ ସ୍ୱାଇଁ, ସୁବାଷ ଚନ୍ଦ୍ର ସ୍ୱାଇଁ, ପିତାମ୍ବର ମହାନ୍ତି, ନାରାୟଣ ବେହେରା, ମନୋରଞ୍ଜନ ସିଂ, ଯଦୁମଣି ସ୍ୱାଇଁ, ସୁଶାନ୍ତ ପରିଡା, ସନ୍ତୋଷ ପରିଡା, ବିରଞ୍ଚି ନାରାୟଣ ମହାନ୍ତି, ଗଗନ ବିହାରୀ ମହାନ୍ତି, ସେଖ ରହିମୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୦ଜଣ ଚାଷୀଙ୍କ ଠାରୁ ୨୨୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଏହି ସମିତିରେ ମୋଟ ୪୪୬ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ୧୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଛି।

## ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ

### ଚୌଦ୍ୱାରକୁ ହରାଇ ଫାଇନାଲରେ ମେଣ୍ଢାଶାଳ



ଟିଗିରିଆ,୨୩।୧(ସମିସ): ଟିଗିରିଆ ବ୍ଲକ ସୋମପଡା ଚବକା ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବକୁ ୧୫୮ ରନରେ ହରାଇ ଖୋର୍ଦ୍ଧା ମେଣ୍ଢାଶାଳର ଇଏସସି କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ମେଣ୍ଢାଶାଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ଟି ୱିକେଟ ହରାଇ ୩୩୮ ରନ ସଂଗ୍ରହ କରିଥିଲେ। ଜବାବରେ ଚୌଦ୍ୱାର ଦଳ ବିପକ୍ଷ ମେଣ୍ଢାଶାଳ ଦଳର ଶକ୍ତିଶାଳୀ ବୋଲିଂର ସମ୍ମୁଖୀନ ହୋଇ ନ ପାରି ୧୬ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୮୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଖେଳରେ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ ପାଇଁ ମେଣ୍ଢାଶାଳ ଦଳର ଅଭିଷେକ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳରେ ଅତିଥି ଭାବେ ସମାଜସେବୀ ଜଳଧର ବେହେରା ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ମଥୁରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ତ୍ରିଶୂଳିଆ,୨୩।୧(ସମିସ): ଶୁକ୍ରବାର ରାତିରେ ରାଜଧାନୀ ଏକ୍ସପ୍ରେସ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବାରଙ୍ଗ ଥାନା ଅଧୀନସ୍ଥ ଶ୍ରୀବନ୍ତପୁର ଗ୍ରାମର ଅଭିଷେକ ଜେନା(୩୫)। ଆଜି ରାତିରେ ଅଭିଷେକ ଘରୁ ପଳାଇ ଆସି ରେଳ ଧାରଣା ଉପରକୁ ଚଢ଼ି ଯାଇଥିଲେ। କଣ୍ଟାପାଟଣା ଗାଁ ମୁଣ୍ଡ ରେଳ ଧାରଣା ଉପରକୁ ଚଢିବା ବେଳେ ସେହି ସମୟରେ ବାରଙ୍ଗ ପଟକୁ ଆସୁଥିବା ରାଜଧାନୀ ଏକ୍ସପ୍ରେସ ଆଗକୁ ପଳାଇ ଆସିଥିଲେ। ଯାହାଫଳରେ ଟ୍ରେନ ଧକ୍କାରେ ଅଭିଷେକଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବାରଙ୍ଗ ଜିଆରପି ଫାଣ୍ଡିର ଏଏସଆଇ ପରମାନନ୍ଦ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇ ପଠାଇଥିଲେ। ମୃତ ବ୍ୟକ୍ତି ଜଣଙ୍କ ଚାକିରି ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ବୁଲୁଥିଲେ। ତେଣୁ ଦୁଶ୍ଚିନ୍ତା ଯୋଗୁଁ ଟ୍ରେନ ଆଗକୁ ପଳାଇ ଆସିଥିବାର ପୁଲିସ ମୃତକଙ୍କ ପରିବାର ସହ କଥା ହୋଇସାରିବା ପରେ ସୂଚନା ଦେଇଛି।

## ଅଟଳ ବୟୋ ଅଭ୍ୟୁଦୟ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି,୨୩।୧(ସମିସ): ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଆୟୋଜନରେ ଅଟଳ ଅଭ୍ୟୁଦୟ ଯୋଜନା (ଅଭୟ) ସଚେତନତା କାର୍ଯ୍ୟକ୍ରମ ଖଣ୍ଡସାହିସ୍ଥିତ ସରକାରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମରେ ୩୨ଟି ବିଦ୍ୟାଳୟରୁ ୬୪ଜଣ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ ଓ ଗାଇଡ ଶିକ୍ଷକମାନେ ଯୋଗଦେଇ ଆଧୁନିକ ସମାଜରେ ବୟସ୍କ ବ୍ୟକ୍ତିଙ୍କର କିଭଳି ଯତ୍ନ ନିଆଯିବ ସେ ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପଟ୍ଟଚିତ୍ର, ସାଧାରଣଜ୍ଞାନ, କବିତା ଆବୃତି ଓ ଗଳ୍ପ କଥନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଭାତ ବେହେରା, ଜାକିର ହୁସେନ, ସିଆରସିସି ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକମାନଙ୍କର ଉପଯୁକ୍ତ ଚଳପ୍ରଚଳ ପାଇଁ କିଭଳି ଯତ୍ନ ନିଆଯାଇ ପାରିବ ସେ ନେଇ ଛାତ୍ର ଜୀବନରୁ ବିଦ୍ୟାର୍ଥୀମାନେ ସଚେତନ ହେବେ ସେ ନେଇ ବିଶଦ୍ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସିଆରସିସି ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ରଗଡ଼ିପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ମ୍ବା,୨୩।୧(ସମିସ): ବଡ଼ମ୍ବା ଶିକ୍ଷା ମଣ୍ଡଳ ପିଏମ ଶ୍ରୀ ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଭାରତ ସରକାରଙ୍କ ଦ୍ୱାରା ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ପିଏମ୍‌ଶ୍ରୀରେ ଅନ୍ତର୍ଭୁକ୍ତ କରି ବିଦ୍ୟାଳୟ ରୂପାନ୍ତରିତ କରି ବିଜ୍ଞାନ ଓ କାରିଗରୀ ପ୍ରଯୁକ୍ତିବିଦ୍ୟାର ଉପଯୋଗ, କ୍ରୀଡା ଭିତ୍ତିଭୂମିର ବିକାଶ ସହ ଛାତ୍ରଛାତ୍ରୀଙ୍କର ବୌଦ୍ଧିକ, ସୃଜନଶୀଳତାର ଆତ୍ମପ୍ରକାଶ ହେବ ବୋଲି କହିଥିଲେ। ବିଶିଷ୍ଟ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ସମ୍ମାନିତ ଅତିଥିଭାବରେ ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ପ୍ରାକ୍ତନ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତଗଜସିଂ ଓ ଶ୍ରୀନିବାସ ପ୍ରଧାନ, ଓଷ୍ଟା କଟକ ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନ, ସମ୍ପାଦକ ବିଜୟ ଛତ୍ର, ବଡମ୍ବା ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରା, ସମ୍ପାଦକ ଅଶୋକ ଧଳ, ପଞ୍ଚସଖା ଶିକ୍ଷାସେତୁର ଅଧ୍ୟକ୍ଷ ଦୀନବନ୍ଧୁ ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଗଣେଶ୍ୱର ସ୍ୱାଇଁ ଓ ସଭ୍ୟ ସଭ୍ୟା, ଶିକ୍ଷାବିତ୍ ଦୁର୍ଯ୍ୟୋଧନ ବେହେରା, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁଧାଙ୍ଗିନି ସାମନ୍ତରାୟ, ଶିକ୍ଷାବିତ୍ ଅହ୍ଲାଦ ସାହୁ, ଖୁଣ୍ଟକଟା ହାଇସ୍କୁଲର ପ୍ରଧାନଶିକ୍ଷକ ହୃଦାନନ୍ଦ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ମାୟାଧର ଶତପଥୀ ବେଦପାଠ କରିଥିଲେ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବିବରଣୀ ପଠନ କରିଥଲେ।

ଛାତ୍ରଛାତ୍ରୀମାନେ ସଚେତନତା ମୂଳକ ୪ଟି କ୍ଷୁଦ୍ର ନାଟକ ଅଭିନୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ। ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ୨ଟି ପ୍ରକଳ୍ପ ଶିଳାନ୍ୟାସ



ନିଶ୍ଚିନ୍ତକୋଇଲି,୨୩।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ୍ ନତକାଇ ବଲ୍ଲଭୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜର ଭିତି ସରଞ୍ଜନା ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୩ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏକ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ଉନ୍ନତମାନର ପାଇଖାନା ଗୃହ ନିର୍ମାଣ ନିମନ୍ତେ ପବିତ୍ର ଶ୍ରୀ ପଞ୍ଚମୀ ଅବସରରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା, ବିଡିଓ ଦ୍ୱିବେନ୍ଦୁ ଦାସ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନତକାଇ-ଖଣ୍ଡସାହି ରାସ୍ତାର ଉନ୍ନତିକରଣ କାର୍ଯ୍ୟପାଇଁ ବିଧାୟକଙ୍କ ଦ୍ୱାରା ଶୁଭ ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟା ସରସ୍ୱତି ରାଉତ, କୈଳାସ ବେହେରା, ଅନନ୍ତ ଦାସ ଏବଂ ବହୁ କର୍ମୀ ଯୋଗଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଟିଗିରିଆ,୨୩।୧(ସମିସ): ଟିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ରାଉତଙ୍କ ପୌରହିତ୍ୟରେ ପାଞ୍ଚଗାଁ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଗତକାଲି ଉଦଘାଟନ ଓ ଆଜି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ଯୋଗଦେଇଥିଲେ। ପ୍ରଥମ ଦିବସରେ ମୁଖ୍ୟଅତିଥି ଶ୍ରୀ ମହାରଣା କ୍ରୀଡା ପ୍ରତିଯୋଗିତାକୁ ଉତ୍ତୋଳନ କରି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀ ମହାରଣା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ମାଧବ ଚନ୍ଦ୍ର ଦେହୁରୀ ଓ ସୌଦାମିନୀ ମିଶ୍ର, ପାଞ୍ଚଗାଁ ଦଧିବାମନଜୀଉ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ବିଶ୍ୱାଳ, ସହକାରୀ ଶିକ୍ଷକ ନିରାକାର ମହାପାତ୍ର, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁବାସ ଚନ୍ଦ୍ର ମୁଦୁଲି, ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଘଡେଇ, ସୋମପଡା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ ସାହୁ, ପାଞ୍ଚଗାଁ ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ମୋଟ ୨୬୬ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବର୍ଗର ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପଞ୍ଚାୟତ ସମିତି ଅର୍ଥ ବିନିମୟ

### ଜନପ୍ରତିନିଧିଙ୍କ ମତାମତ ଲୋଡ଼ିବା ନେଇ ବିଡିଓଙ୍କୁ ଦାବିପତ୍ର



ଟିଗିରିଆ,୨୩।୧(ସମିସ): ଟିଗିରିଆ ବ୍ଲକ ଅଧୀନ ୧୪ଟି ପଞ୍ଚାୟତର ଜନ ପ୍ରତିନିଧିମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ବିଡିଓ ମନସ୍ୱିନୀ ଦାସଙ୍କୁ ଭେଟି ପଞ୍ଚାୟତ ସମିତି ଅର୍ଥ ବିନିମୟରେ ଜନ ପ୍ରତିନିଧିଙ୍କ ମତାମତ ଲୋଡ଼ିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉପସ୍ଥିତ ସମସ୍ତ ଜନପ୍ରତିନିଧିମାନେ ଆଗାମୀ ଦିନରେ ଟିଗିରିଆ ପଞ୍ଚାୟତ ସମିତିକୁ ସରକାରୀସ୍ତରରେ ଆସୁଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ବାବଦ ଅର୍ଥକୁ ବିନିଯୋଗ କରିବା ପୂର୍ବରୁ ସମ୍ପୃକ୍ତ ପଞ୍ଚାୟତର ଜନ ପ୍ରତିନିଧିଙ୍କ ଦୃଷ୍ଟିକୁ ନିଆଯିବା ସହ ସେମାନଙ୍କ ମତାମତକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଡ଼ିଓ ଶ୍ରୀମତୀ ଦାସଙ୍କୁ ନିବେଦନ କରିଛନ୍ତି। ଫଳରେ ପଞ୍ଚାୟତ ସମସ୍ତ ସରକାରୀ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପାଦନ ହୋଇପାରିବ ବୋଲି ଜନ ପ୍ରତିନିଧିମାନେ ଦାବିପତ୍ରରେ ଦର୍ଶାଇଛନ୍ତି। କାର୍ଯ୍ୟକ୍ରମରେ ଦୁଇ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ ମଲ୍ଲିକଙ୍କ ସମେତ ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ଦଳେଇ, ସମିତିସଭ୍ୟ ପ୍ରକାଶ ବେହେରା, ସୋମପଡା ସରପଞ୍ଚ ପ୍ରଶାନ୍ତ ରାଉତ, ସମିତିସଭ୍ୟ ବ୍ରହ୍ମାନନ୍ଦ ପ୍ରଧାନ, ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ସମିତିସଭ୍ୟ ବିଜୟ ଦେହୁରୀ, ଭୋଗଡା ସରପଞ୍ଚ ଶର୍ମିଳା ନାୟକ, ସମିତି ସଭ୍ୟ ମାମି ଦେହୁରୀ, ବିନ୍ଧାଣିମା ସରପଞ୍ଚ ସୁଜାତା ସ୍ୱାଇଁ, ସମିତିସଭ୍ୟ ସୋନାଲି ସେଠ, ବଡନାଉପୁଟ ସରପଞ୍ଚ ପ୍ରୀତିମୟୀ ପଣ୍ଡା, ସମିତି ସଭ୍ୟ ଦମୟନ୍ତୀ ପ୍ରଧାନ, ଅଚଳକୋଟ ସରପଞ୍ଚ ରୋଜାଲିନ ବଳିୟାର ସିଂହ, ସମିତିସଭ୍ୟ ଝିପି ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୁରୁଣା ଟିଗିରିଆ ସରପଞ୍ଚ ପ୍ରତାପ ଜେନା, ନିଜିଗଡ଼ ସମିତିସଭ୍ୟ ବସିରନ ବିବି, ଭିରୁଡ଼ା ସରପଞ୍ଚ ବେଣୁଧର ସାହୁ, ସମିତିସଭ୍ୟ ଧନେଶ୍ୱର ରଣା, ବାଲିପୁଟ ସରପଞ୍ଚ ରଞ୍ଜନ ସୂତାର, ଜେମାଦେଇପୁର ସରପଞ୍ଚ ସୁନିତା ନାୟକ, ସମିତିସଭ୍ୟ ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ହାଇୱା ଚଳାଚଳକୁ ନେଇ ଜନଅସନ୍ତୋଷ

# ଅଳିଆ କରିଛ; ସଫା କରିକି ଯାଅ

ଟିଗିରିଆ,୨୩।୧(ସମିସ): ପ୍ରଶାସନର ନାକ ତଳେ ଚାଲିଥିବା ବେଆଇନ ଖଣିଜ ପଦାର୍ଥ ଚାଲାଣ ଓ ଏଥିଯୋଗୁଁ ବିପର୍ଯ୍ୟସ୍ତ ହେଉଥିବା ଜନଜୀବନକୁ ନେଇ ଟିଗିରିଆ ବ୍ଲକରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ବିଶେଷ କରି ଓଭରଲୋଡିଂ ହାଇୱା ଗୁଡ଼ିକରୁ ରାସ୍ତାରେ ଚିପ୍ସ ଓ ଗୋଡ଼ି ପଡ଼ି ଦୁର୍ଘଟଣା ଘଟୁଥିବାରୁ ଗୁରୁବାର ଗୋହିରିଦ୍ୱାର ବଜାର ଅଞ୍ଚଳରେ ଏକ ଅଭାବନୀୟ ତଥା ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ଅତିଷ୍ଠ ହୋଇ ବ୍ୟବସାୟୀମାନେ ହାଇୱା ଚାଳକଙ୍କୁ ଅଟକାଇ ସେମାନଙ୍କ ଦ୍ୱାରା ହିଁ ରାସ୍ତା ସଫା କରାଇଛନ୍ତି। ସୂଚନା ଅନୁଯାୟୀ, ଟିଗିରିଆ ବ୍ଲକର ବିଭିନ୍ନ ବେଆଇନ କ୍ରସରରୁ ଦୈନିକ ଶତାଧିକ ହାଇୱା ଟ୍ରକ୍ ଧାର୍ଯ୍ୟ ପରିମାଣଠାରୁ ଅଧିକ ଚିପ୍ସ ଓ ବଜୁରି ଲଦି ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥରେ ଯାତାୟାତ କରୁଛନ୍ତି। ଗାଡ଼ିଗୁଡ଼ିକରେ କଭର ବା ପାଲ ଘୋଡ଼ାଯାଉ ନ ଥିବାରୁ ଚଳନ୍ତା ଗାଡ଼ିରୁ ଗୋଡ଼ି ଛିଟିକି ପଡ଼ି ପଛରେ ଆସୁଥିବା ଦୁଇଚକିଆ ଗାଡ଼ି ଚାଳକ ଓ ପଥଚାରୀମାନେ ଆହତ ହେଉଛନ୍ତି। ଏହା ସହ ବଜାର ରାସ୍ତା ସାରା ଗୋଡ଼ି ବିଛାଡ଼ି ହୋଇ ରହୁଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିଲେ। ଗୁରୁବାର ସକାଳେ ଗୋହିରିଦ୍ୱାର ବଜାର ବ୍ୟବସାୟୀ ସଂଘର ସଦସ୍ୟମାନେ ଏକାଠି ହୋଇ ଏହି ରାସ୍ତା ଦେଇ ଯାଉଥିବା ହାଇୱାଗୁଡ଼ିକୁ ଅଟକ ରଖିଥିଲେ। "ରାସ୍ତା ଅଳିଆ କରିଛ, ସଫା କରିକି ଯାଅ" ଏହି ଜିଦ୍‌ରେ ବ୍ୟବସାୟୀମାନେ ଅଟଳ ରହିବାରୁ ଗାଡ଼ି ଚାଳକ ଓ ସହାୟକମାନେ ତଳକୁ ଓହ୍ଲାଇ ରାସ୍ତାରେ ପଡ଼ିଥିବା ଗୋଡ଼ି ସଫା କରିବାକୁ ବାଧ୍ୟ ହୋଇଥିଲେ। ଚାଳକମାନେ ନିଜ ହାତରେ ରାସ୍ତା ସଫା କରୁଥିବା ବେଳର ଏହି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଟିଗିରିଆ ଅଞ୍ଚଳରେ ଅବାଧରେ ବେଆଇନ ଖଣିଜ ଚାଲାଣ ହେଉଥିଲେ ହେଁ ପୁଲିସ କିମ୍ବା ପରିବହନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପ୍ରଶାସନର ଏଭଳି ନିଷ୍କ୍ରିୟତା ଯୋଗୁଁ ସାଧାରଣ ଜନତା ଆଜି ନିଜ ହାତକୁ ଆଇନ ନେବାକୁ ବାଧ୍ୟ ହେଉଛନ୍ତି। ଯଦି ଆଗାମୀ ଦିନରେ ଏହି ବେଆଇନ ଚାଲାଣ ଓ ଓଭରଲୋଡିଂ ଉପରେ ରୋକ୍ ଲଗା ନ ଯାଏ, ତେବେ ଜନଅସନ୍ତୋଷ ଭୟଙ୍କର ରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି।



ରାସ୍ତାରେ ଗୋଡ଼ି ପକାଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିଲେ ହାଇୱା

ଅତିଷ୍ଠ ହୋଇ ଗାଡ଼ି ଅଟକାଇ ରାସ୍ତା ସଫା କରାଇଲେ ବଜାର କମିଟି

